ଶନିବାର, ୧୩ ଡିସେମ୍ବର, ୨୦୨୫

# ପିଲାଙ୍କ ଧରିତ୍ରୀ







୬ କବିତା

୭ ଜଣା ଅଜଣା

୨ ଗପ

୩ ପ୍ରଚ୍ଛଦ

# ଚାରି ଚୋର

ଗପ

ଥରେ ଚାରିଜଣ ଚୋର ଚିନ୍ତାକଲେ, ଆମେ ତ ବହୁ ଲୋକଙ୍କ ଜୀବନ ନଷ୍ଟ କରିସାରିଲେଣି। ସେମାନେ ରାତିଦିନ ପରିଶ୍ରମ କରି ଧନ ସଞ୍ଚୟ କରୁଛନ୍ତି, କିନ୍ତୁ ଆମେ କିଛି କ୍ଷଣ ମଧ୍ୟରେ ତାକୁ ଲୁଟି ନେଉଛେ। ସେମାନେ ଆମକୁ ଅଭିଶାପ ଦେଉଥିବେ, ତେଣୁ ଆଜିଠାରୁ ଆମେ ଭଲବାଟରେ ଯିବା। ସେଥିପାଇଁ ପାଖରେ ଥିବା ଆଶ୍ରମରେ ସାଧୁଙ୍କ ପାଖରେ ସତ୍‌ସଙ୍ଗ କରିବା। ସାଧୁଙ୍କ ପାଖକୁ ଯାଇ କହିଲେ, ପ୍ରଭୁ ଆମକୁ କ୍ଷମା କର, ଆମେ ଜୀବନରେ ବହୁ ପାପ କଲୁଣି, ଆପଣଙ୍କ ଶରଣରେ ରହି ଆମେ ଆଜିଠାରୁ ଭଲ ବାଟରେ ଯିବା ନିମନ୍ତେ ଦୃଢ଼ ସଂକଳ୍ପ ନେଉଛୁ।

ସାଧୁ ଚୋରମାନଙ୍କ କଥା ଶୁଣି କହିଲେ, ଏ ମାର୍ଗଟିରେ ବହୁ କଷ୍ଟ କରିବାକୁ ପଡିବ। ନିଷ୍ଠାପର ଭାବରେ ଯଦି ତୁମେ ଏଥିରେ ମନୋନିବେଶ କରିବ ତେବେ ଠିକ୍ ମାର୍ଗରେ ପହଞ୍ଚି ପାରିବ। ସାଧୁଙ୍କ କଥାରେ ସହମତି ଜଣାଇ, ଦୀକ୍ଷାନେଇ ଭିକ୍ଷା କରିବାକୁ ବାହାରିଗଲେ ଚାରି ଚୋର।



ଗାଁ ଗାଁ ବୁଲି ଭିକ୍ଷା ମାଗିବା ବେଳେ ଦେଖିଲେ ଜଣେ ସାହୁକାର ଅଜସ୍ର ଧନର ଅଧିକାରୀ। ସୁନା, ହୀରା, ମୋତିର ମାଳା ପକାଇଛନ୍ତି ସାହୁକାର। ଏହା ଦେଖି ଜଣେ ଚୋର କହିଲା, ଭାଇ ଦେଖୁଛ ତ କେତେ ଧନ। ଆମେ ଯଦି ଗୁରୁଦେବଙ୍କ କଥା ମାନି ଚଳିବା ଏ ଧନ ସମ୍ପତ୍ତି ସବୁ କ'ଣ ହେବ। ଆଜି ରାତିରେ ଆସି ସବୁ ଲୁଟିନେବା। କଥାରେ ଅଛି ମଣିଷ ତା'ର ପ୍ରକୃତି ସହଜେ ଛାଡି ପାରେ ନାହିଁ। ଗୁରୁଜୀଙ୍କ ପାଖରେ କରିଥିବା ଶପଥକୁ ଭୁଲି ପୁଣି ନିଜ ପୁରୁଣା ବାଟକୁ ଫେରିବାକୁ ମନସ୍ଥ କଲେ, ଦିନରେ ସାଧୁ ହୋଇ ଭିକ୍ଷା କରିବେ ଓ ରାତିରେ ଚୋରି।

ସନ୍ଧ୍ୟାରେ ସେମାନେ ଆଶ୍ରମକୁ ଫେରିଆସିଲେ। ଗୁରୁଦେବଙ୍କ ସହ ମିଶି ସତ୍‌ସଙ୍ଗ କଲେ। ନିତ୍ୟ ଆଳତି, ପ୍ରାର୍ଥନା, ଭଜନ ଓ ଭଗବାନ୍‌ଙ୍କ ନାମଗାନରେ ମଜ୍ଜି ରହିଲେ। ଭଜନ ସରିବା ପରେ ଗୁରୁଦେବଙ୍କୁ ପ୍ରଣାମ କରି ଶୋଇପଡିଲେ। ପରସ୍ପର ମଧ୍ୟରେ କଥା ହେଲେ ଆଜି ଜଲଦି ଶୋଇ ପଡିଲେ ରାତିରେ ଯିବା ସାହୁକାର ଘରକୁ।

ନିଦ ଭାଙ୍ଗିଲା ବେଳକୁ ସକାଳ। ମନେ ମନେ ଚିନ୍ତାକଲେ ଆଜି ସଫଳ ହୋଇପାରିଲେ ନାହିଁ। ହଉ ଦେଖିବା କାଲିକି। ଏମିତି ଦିନ ପରେ ଦିନ ଗଡ଼ିଗଲା। ବହୁଥର ଚେଷ୍ଟାକରି ବିଫଳ ହେଲେ।

ବାରମ୍ବାର ବିଫଳ ହେବା ପରେ ଚାରିଜଣ ଚୋର ଯାଇ ଗୁରୁଦେବଙ୍କ ପାଦ ତଳେ ପଡ଼ିଗଲେ। ଗୁରୁଦେବ ଆମର ଭୁଲ୍ ହୋଇଯାଇଛି। ଆମକୁ କ୍ଷମା କରନ୍ତୁ। ଆମେ ଏହା ଚିନ୍ତା କରି ଏଠାକୁ ଆସିଥିଲୁ ଯେ, ଦିନରେ ସାଧୁ ବେଶରେ ବୁଲିକି ରାତିରେ ଚୋରି କରିବୁ ହେଲେ ସଫଳ ହେଲୁନାହିଁ। ଏବେ କିନ୍ତୁ ଏଥି ନିମନ୍ତେ ବହୁ ପରିତାପ କରୁଛୁ। ଆମକୁ ବାଟ ଦେଖାନ୍ତୁ ଗୁରୁଦେବ।

ଗୁରୁଦେବ ହସିହସି କହିଲେ, ମୁଁ ପ୍ରଥମ ଦିନରୁ ତୁମ ମନର ଅବସ୍ଥା ଜାଣିଥିଲି। ହେଲେ ପଶ୍ଚାତ୍ତାପ ନିମନ୍ତେ ସମସ୍ତଙ୍କୁ ସୁଯୋଗ ମିଳିବା ଦରକାର। ତୁମେମାନେ ପ୍ରତିଦିନ ସତ୍‌ସଙ୍ଗ କରିଲ। ତାହାରି ପ୍ରଭାବରେ ତୁମେ ଚେଷ୍ଟା କରି ବି କୁମାର୍ଗରେ ଯାଇପାରିଲ ନାହିଁ।

**– ଅର୍ଜୁନ ଦାସ**
ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧୫୧



## ଖିଲି ଖିଲି ହସ

(ଶାଶୁ –ବୋହୂ ମଧ୍ୟରେ କଥାବାର୍ତ୍ତା )
ଶାଶୁ: ବୋହୂ କ'ଣ କରୁଛୁ ?
ବୋହୁ: ମା'ମୁ ସର୍ଫ ପକାଇ କପଡା ଧୋଉଛି।
ଶାଶୁ: ସର୍ଫ ପକାଇ ଆମ ପାଇଁ ଖାଇବା ତିଆରି କର।
ବୋହୂ: ହାଁ
ଶାଶୁ : କ'ଣ ହାଁ, ତମ ଘରେ କ'ଣ କେହି ଖାଆନ୍ତିନି
ବୋହୂ: ହଁ
ଶାଶୁ: ଯା, ବୋହୂ ଆମ ପାଇଁ ରୋଷେଇ କରିଦେବୁ।
ବୋହୂ: ନିଅ ମା' ଖାଇବା
ଶାଶୁ : ଇଏ କ'ଣ ଖାଇବାରୁ ଫେଣ ବାହାରୁଛି
ବୋହୂ: ଆପଣ ବା କହିଥିଲେ ସର୍ଫ ପକାଇ ରୋଷେଇ କରିବାକୁ ।

ଅପରେସନ୍ ପରେ ରୋଗୀ କହିଲା–ଡାକ୍ତର ବାବୁ, ଏବେ କ'ଣ ମୁଁ ରୋଗମୁକ୍ତ ?
ସାମ୍ନାରୁ ଜବାବ୍ ଆସିଲା – ପୁଅ, ଡାକ୍ତର ବାବୁ ତ ପୃଥିବୀ ପୃଷ୍ଠରେ ରହିଗଲେ, ମୁଁ ତ ଚିତ୍ରଗୁପ୍ତ !

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ଡେଡ୍ ସି



ସମୁଦ୍ର ପାଣି ଲୁଣିଆ ଏକଥା ସମସ୍ତଙ୍କୁ ଜଣା। ହେଲେ ସବୁ ସ୍ଥାନରେ ସମୁଦ୍ର ପାଣି ସମାନ ଧରଣର ଲୁଣିଆ ନୁହେଁ। ଏମିତି ଏକ ସ୍ଥାନ ରହିଛି ଯେଉଁଠି ପାଣି ସବୁଠୁ ଅଧିକ ଲୁଣିଆ। ଏହି ସ୍ଥାନଟି ଜୋର୍ଡାନର ପୂର୍ବ ଉପକୂଳରେ ରହିଛି। ଏହାର ପଶ୍ଚିମରେ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ରହିଛି। ଡେଡ୍ ସି ଭାବରେ ପରିଚିତ ଏହି ହ୍ରଦଟିକୁ ଲ୍ୟାଣ୍ଡଲକ୍‌ଡ ସଲ୍‌ଟ ଲେକ୍ ମଧ୍ୟ କୁହାଯାଏ। ଡେଡ୍ ସି ଏଭଳି ଏକ ହ୍ରଦ ଯେଉଁଠି ପାଣିରେ ଲୁଣର ପରିମାଣ ୩୪ ପ୍ରତିଶତ, ଯାହାକି ସାଧାରଣ ସମୁଦ୍ର ଜଳ ତୁଳନାରେ ୧୦ ଗୁଣ ଅଧିକ। ଏଥିରେ ସାନ୍ଦ୍ରତା ବହୁତ ଅଧିକ ଓ ଏଥିରେ ମିନେରାଲ ତଥା ଖଣିଜ ପଦାର୍ଥ ମଧ୍ୟ ବହୁ ପରିମାଣରେ ରହିଛି। ଅନ୍ୟ ସ୍ଥାନର ସମୁଦ୍ର ପାଣି ତୁଳନାରେ ଏଠି ପାଣି ବହୁତ ଅଧିକ ଲୁଣିଆ ହୋଇଥିବାରୁ ଏହାକୁ ପୃଥିବୀର ସବୁଠୁ ଲୁଣିଆ ହ୍ରଦ କୁହାଯାଏ।

ତେବେ ପାଣି ଏତେ ଅଧିକ ଲୁଣିଆ ହେବାର କାରଣ ହେଉଛି ଏଠାରୁ ପାଣି ନିଷ୍କାସିତ ହୁଏ ନାହିଁ। ଏହା ଏକ ଟର୍ମିନାଲ ହ୍ରଦ ଅର୍ଥାତ ପ୍ରବେଶ କରେ କିନ୍ତୁ ବାହାରି ପାରେ ନାହିଁ। ଏହା ସହିତ ଏଠାରେ ଜଳବାୟୁ ଅତ୍ୟଧିକ ଶୁଷ୍କ ଓ ଗରମ। ତେଣୁ ବାଷ୍ପୀକରଣ ପରେ ଏହିଠାରେ ଯେଉଁ ପାଣି ରହିଯାଏ ତାହା ସମୁଦ୍ରର ଅନ୍ୟ ଭାଗ ତୁଳନାରେ ଅଧିକ ଲୁଣିଆ କରାଇଦିଏ। ଡେଡ୍ ସି କହିବାର କାରଣ ଏହି ହ୍ରଦ ଏତେ ଅଧିକ ଲୁଣିଆ ବୋଲି ଏହି ପରିବେଶରେ କୌଣସି ପ୍ରକାରର ମାଛ, ପକ୍ଷୀ କିମ୍ବା ଉଦ୍ଭିଦ ବଞ୍ଚିପାରନ୍ତି ନାହିଁ।

ଆଶ୍ଚର୍ଯ୍ୟଜନକଭାବେ ଏଥିରେ ଲୋକଙ୍କୁ ପହଁରିବା ନିମନ୍ତେ କୌଣସି ପ୍ରକାରର ଚେଷ୍ଟା କରିବାକୁ ପଡି ନ ଥାଏ। କାରଣ ପାଣିରେ ଅଧିକ ପରିମାଣରେ ମିନେରାଲ ରହିଥିବା କାରଣରୁ ମଣିଷ ଶରୀରକୁ ପାଣି ଉପରକୁ ଠେଲିଥାଏ। ତେଣୁ ଏଠାରେ ପହଁରିବା ଅତି ସହଜ ହୋଇଥାଏ ଓ ବୁଡିଯିବାର ଭୟ ମଧ୍ୟ ନ ଥାଏ। ସେଥିପାଇଁ ଏହି ସ୍ଥାନକୁ ପର୍ଯ୍ୟଟକମାନଙ୍କର ଆକର୍ଷଣ ବହୁତ ଅଧିକ ରହିଥାଏ। ପ୍ରଚୁର ପରିମାଣରେ ମିନେରାଲ ରହିଥିବାରୁ ଏଥିରୁ ସଂଗୃହୀତ ମାଟି ସ୍କିନ୍ କେୟାର ଟ୍ରିଟମେଣ୍ଟ ନିମନ୍ତେ ଅତ୍ୟନ୍ତ ଭଲ।

## ମତାମତ

- ରଙ୍ଗ ବଦଳାଉଥିବା ସାପ,ଦାମୀ କଇଁଛ ଏବଂ ଡଲଫିନ୍ ବିଷୟରେ କେତେକ ଶିକ୍ଷଣୀୟ ତଥ୍ୟ ବିଷୟରେ ଜାଣିବାକୁ ପାଇଲି।

–ମୁନା ରାଉତ, ରାଜକନିକା, କେନ୍ଦ୍ରାପଡା


- ଶିଶୁ ପ୍ରତିଭାରେ ସିମ୍ରନ୍ କିପରି ମୋବାଇଲରୁ ଚିତ୍ର ଶିଖି ତାଙ୍କ ନାମକୁ ସଫଳ କରିବାରେ ପ୍ରମାଣିତ କରିଛନ୍ତି ସେ ବିଷୟରେ ଜାଣିପାରିଲି।

**–ସାଗର ମହାନ୍ତି, ମୟୂରଭଞ୍ଜ**

- ତୁମତୂଳୀରେ ପ୍ରକାଶିତ ହୋଇଥିବା ଚିତ୍ରଗୁଡିକ ସୁନ୍ଦର ହୋଇଥିଲା।

– ପ୍ରତାପ କେଶରୀ ରାୟ, ଜଗତ୍‌ସିଂହପୁର

## ରଙ୍ଗ ଦିଅ



## ସୂଚନା


ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

କେବଳ ପଢ଼ାବହିର ବିଷୟକୁ ମନେରଖିବା ଆଉ ଅନ୍ୟ ସବୁ ବିଷୟରେ ଜାଣିବାର ଆଗ୍ରହ ରଖିବା ଦୁଇଟିଯାକ ଭିନ୍ନ କଥା। ଏମିତି କିଛି ପିଲା ଅଛନ୍ତି, ଯେଉଁମାନେ ସ୍କୁଲରେ ମାର୍କ କମ୍ ରଖୁଥାଇ ପାରନ୍ତି, ହେଲେ ସବୁ ବିଷୟରେ ତାଙ୍କର ଜ୍ଞାନ ଥାଏ; ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ଜିନିଅସ୍‌ର ଆଖ୍ୟା ଦେଇଥାଏ।





# ଜିନିଅସ୍

ବେଳେବେଳେ ପିଲାଙ୍କ ମନକୁ ଅଜବ ପ୍ରଶ୍ନସବୁ ଆସିଥାଏ। କୌଣସି ବିଷୟରେ ନ ବୁଝିବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରଶ୍ନ ମନକୁ ଆନ୍ଦୋଳିତ କରୁଥାଏ। ତେଣୁ ସମସ୍ତଙ୍କୁ ପ୍ରଶ୍ନ ପଚାରି ଉତ୍ତର ଜାଣିବା ପାଇଁ ଅସ୍ତବ୍ୟସ୍ତ କରିପକାନ୍ତି। ଯେକୌଣସି ବିଷୟ ହେଉ ସେ ସମ୍ପର୍କରେ ଭଲଭାବରେ ଜାଣିବା ପାଇଁ ଆଗ୍ରହ ଦେଖାଇଥାନ୍ତି। ପିଲାଙ୍କର ଏଭଳି ଲକ୍ଷଣ ବେଳେବେଳେ ଘରଲୋକଙ୍କୁ ଅସୁବିଧାରେ ପକାଇଥାଏ ଓ ଏସବୁ ଗୁଣକୁ ସେମାନେ ଦୁଷ୍ଟାମି ବୋଲି ଭାବିନିଅନ୍ତି। ହେଲେ ପିଲାଙ୍କ କ୍ଷେତ୍ରରେ ଏହି ଲକ୍ଷଣ ସବୁବେଳେ ଦୁଷ୍ଟାମିର କାରଣ ହୋଇ ନ ଥାଏ। ଏହା ମଧ୍ୟ ସେମାନଙ୍କ ବୁଦ୍ଧିମତ୍ତାର ପରିଚୟ ଦେଇଥାଏ, ଯାହାକୁ ଜିନିଅସ୍ ବୋଲି କୁହାଯାଇପାରେ। ତେଣୁ ଏଭଳି ପିଲାଙ୍କର ଲକ୍ଷଣ ସାଧାରଣତଃ ଭିନ୍ନ ହୋଇଥାଏ।

## ଲକ୍ଷଣ

ବେଳେବେଳେ କେତେଜଣ ନିଜ ପାଠ ପ୍ରତି ଯେତିକି ଆଗ୍ରହ ଦେଖାନ୍ତି ନାହିଁ ତା' ଠାରୁ ବହୁ ଅଧିକ ଆଗ୍ରହ ଅନ୍ୟ କୌଣସି ବିଷୟ ପ୍ରତି ଦେଖାଇଥାନ୍ତି। ଏମିତିକି ଏଭଳି ଜିନିଅସ୍ ପିଲାମାନେ ଅନେକ ସମୟରେ ପାଖରେ ପଢୁଥିବା ଅନ୍ୟ ପିଲାଙ୍କ ପାଠ ବିଷୟରେ ବି ଅଧିକ ରୁଚି ଦେଖାଇଥାନ୍ତି। ପ୍ରତି ମୁହୂର୍ତ୍ତରେ ସବୁ ସମ୍ପର୍କରେ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିଥାନ୍ତି। କୌଣସି ବିଷୟରେ ଆଲୋଚନା ହେଉଥିଲେ ଏମାନେ ହୁଏତ ଅଧିକ ଜାଣିଥାନ୍ତି ଅବା ଅଧିକ ଜାଣିବାର ଆଗ୍ରହ ଦେଖାଇଥାନ୍ତି।

ଜିନିଅସ୍ ପିଲାଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ପରିସୀମା ନ ଥାଏ। କେବଳ ସେମାନଙ୍କର ଆଇକ୍ୟୁ ଲେଭଲ ବହୁତ ଅଧିକ ରହିଥାଏ। ତେବେ ସାଧାରଣ ପିଲାଙ୍କ ତୁଳନାରେ ଏମାନଙ୍କ ବ୍ୟବହାର ଭିନ୍ନ ହୋଇଥାଏ।



**ଶୀଘ୍ର ଶିଖିବାର କ୍ଷମତା:** ଜିନିଅସ୍ ପିଲାମାନେ ପ୍ରତ୍ୟେକ ବିଷୟକୁ ଶୀଘ୍ର ବୁଝିପାରନ୍ତି। ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଜାଣିପାରନ୍ତି।

**ଅଧିକ ଜାଣିବାର ଆଗ୍ରହ:** ଏଭଳି ପିଲା କୌଣସି ବିଷୟରେ ଗଭୀରଭାବରେ ବୁଝିବା ପାଇଁ ଚେଷ୍ଟା କରନ୍ତି। ଏମିତିକି ସମ୍ପୂର୍ଣ୍ଣଭାବେ ନ ଜାଣିବା ପର୍ଯ୍ୟନ୍ତ ଏମାନେ ଛାଡ଼ନ୍ତି ନାହିଁ।

**କ୍ରିଏଟିଭ୍ ସମାଧାନ:** କୌଣସି ବିଷୟରେ ସମାଧାନ ବାହାର କରିବାର ନୂଆ ନୂଆ କୌଶଳକୁ ଆପଣାଇଥାନ୍ତି ଏମାନେ। ତେଣୁ ପଢ଼ାବହିର ବାହାରେ ମଧ୍ୟ ଏମାନେ ନିଜ ମନରୁ ଭିନ୍ନ ଭିନ୍ନ ଉପାୟରେ ସମାଧାନ ଆପଣାଇଥାନ୍ତି।


**ଅଧିକ ସେନ୍‌ସିଟିଭ୍:** ଅଧିକ ଭାବୁକ, ଅଧିକ ସମ୍ବେଦନଶୀଳ ହୋଇଥାନ୍ତି ଜିନିଅସ୍ ପିଲା। ସେଥିପାଇଁ ଅନ୍ୟର ଭାବନାକୁ ମଧ୍ୟ ଏମାନେ ଗଭୀରଭାବେ ବୁଝିପାରନ୍ତି। ବେଳେବେଳେ ଏମାନେ ଏକୁଟିଆ ରହି ବିଭିନ୍ନ ପ୍ରକାରର ପଜଲ୍ ଗେମ୍, ଚେସ୍ ଆଦି ଖେଳିବାକୁ ପସନ୍ଦ କରନ୍ତି।

**ଆତ୍ମନିର୍ଭର:** ଏହି ପିଲାମାନେ ଅଧିକ ଆତ୍ମନିର୍ଭର ହୋଇଥାନ୍ତି। ପ୍ରତ୍ୟେକ କାମକୁ ନିଜେ ଶିଖିବା ଓ କରିବା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ତେଣୁ ଏମାନଙ୍କୁ ଅଧିକ ଗାଇଡ୍ କରିବାର ଆବଶ୍ୟକ ପଡି ନ ଥାଏ। ତେଣୁ ନିଜ ଉପରେ ଏମାନଙ୍କର ସବୁ ସମୟରେ ଏକ ସୁନ୍ଦର ନିୟନ୍ତ୍ରଣ ରହିଥାଏ।


**ଶାନ୍ତ ଭାବରେ:** କୌଣସି ପ୍ରକାରର ବିପରୀତ ପରିସ୍ଥିତିରେ ଏମାନେ ଧୈର୍ଯ୍ୟହରା ହୁଅନ୍ତି ନାହିଁ। ବରଂ ଶାନ୍ତଭାବରେ ସବୁ ପରିସ୍ଥିତିରେ ନିଷ୍ପତ୍ତି ନେଇଥାନ୍ତି। ସଫଳତା ଓ ବିଫଳତା ଭିତରେ ଥିବା ପାର୍ଥକ୍ୟକୁ ଏମାନେ ଭଲଭାବରେ ଜାଣିଥାନ୍ତି।

**ଇଚ୍ଛାଶକ୍ତି:** କୁହାଯାଏ ଜିନିଅସ୍ ପିଲାମାନେ ଈଶ୍ୱରଙ୍କ ଆଶୀର୍ବାଦ ହୋଇଥାନ୍ତି। ଅର୍ଥାତ୍ ଏମାନେ ଜନ୍ମରୁ ସ୍ୱତନ୍ତ୍ର ଲକ୍ଷଣ ନେଇ ଆସିଥାନ୍ତି। ହେଲେ ସାଧାରଣ ପିଲାଟିଏ ବି ଚାହିଁଲେ ନିଜକୁ ଜିନିଅସ୍ କରି ଗଢି ତୋଳିପାରିବ। ଏଥିପାଇଁ ଲୋଡା କେବଳ ନିଷ୍ଠା ଓ ପରିଶ୍ରମ। ଏକନିଷ୍ଠ ପରିଶ୍ରମ ବଳରେ ଅସମ୍ଭବକୁ ବି ସାଧନ କରିହେବ। ତେଣୁ ନିଜ କ୍ଷମତାର ପରିସରକୁ ବୃଦ୍ଧି କରି ବ୍ୟାପକ ଜ୍ଞାନର ଅଧିକାରୀ ହେବା ନିମନ୍ତେ ପ୍ରଥମେ ଇଚ୍ଛାଶକ୍ତି ସୃଷ୍ଟି କରିବାକୁ ହେବ। ତାପରେ ଜିନିଅସ୍ ପିଲାଙ୍କର ଲକ୍ଷଣକୁ ଅନୁଧ୍ୟାନ କରି ସେଭଳି ସବୁ କାମ ନିଜ ଜୀବନରେ କରିବାର ଚେଷ୍ଟା ହିଁ ଜଣଙ୍କ ଭିତରେ ଅସାଧାରଣ ପ୍ରତିଭା ସୃଷ୍ଟି କରିପାରିବ।


ନିଜକୁ ଅଧିକ ବୁଦ୍ଧିମାନ ଓ ଜିନିଅସ୍ କରି ଗଢିବାକୁ ଚାହୁଁଥିଲେ ଏସବୁ ଲକ୍ଷଣଗୁଡ଼ିକୁ ଅନୁଧ୍ୟାନ କରି ନିଜେ ଆପଣାଇବା ଦରକାର। ପ୍ରଥମ କଥା ସବୁ ବିଷୟକୁ ଭଲଭାବରେ ବୁଝିବାର ଚେଷ୍ଟା ଦରକାର। ନୂଆ କଥା ଜାଣିବାର ଆଗ୍ରହ ଦେଖାଇବାକୁ ହେବ। ଏହା ବ୍ୟତୀତ ପଢ଼ାବହିକୁ ଛାଡି ଅନ୍ୟ ସବୁ ବିଷୟରେ ବହୁତ ଅଧିକ ପଢିବାର ଅଭ୍ୟାସ କରନ୍ତୁ। ଏହା ବ୍ୟତୀତ ଶରୀରକୁ ସୁସ୍ଥ ରଖନ୍ତୁ। ଫଳରେ ଅଧିକ ପରିଶ୍ରମ ଓ ଶିକ୍ଷାଲାଭ ନିମନ୍ତେ ନିଜକୁ ଯୋଗ୍ୟ କରିପାରିବେ। ଏହି କ୍ଷେତ୍ରରେ ଅଭିଭାବକଙ୍କର ପ୍ରୟାସ ମଧ୍ୟ ଜରୁରୀ। ତେବେ ନିଜ ଆଇ କ୍ୟୁ ବଢ଼ାଇବା ପାଇଁ ବିଭିନ୍ନ ପ୍ରକାରର ଚେଷ୍ଟା ସହିତ ଖେଳ ମଧ୍ୟ ଆପଣାଇପାରିବେ। ଅନେକ ଖେଳ ରହିଛି ଯାହା ମାଧ୍ୟମରେ ନିଜ ବୁଦ୍ଧିର ବିକାଶ କରାଇପାରିବେ। ଏସବୁ ବ୍ୟତୀତ କିଛି ଯୋଗ ଓ ମେଡିଟେଶନ୍ ମାଧ୍ୟମରେ ବି ନିଜର ମାନସିକ ବିକାଶ କରାଇହେବ। ତେଣୁ ଏସବୁ ଦିଗପ୍ରତି ଦୃଷ୍ଟି ଦେଲେ ସାଧାରଣ ପିଲାଙ୍କ ଭିତରେ ମଧ୍ୟ ଅସାଧାରଣ ଗୁଣ ସୃଷ୍ଟି ହୋଇପାରିବ।



୧



୨



୩



୭




୪



୫



୬



୮

୧ **ଅନନ୍ୟା ଷଡ଼ଙ୍ଗୀ**
କ୍ଲାସ-୯, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଛେଳିଗଡ଼, ଗଜପତି





୨ **ଅଭିଳାଷ ଦାଶ**
କ୍ଲାସ- ୯, ବଲାଙ୍ଗୀର ପବ୍ଲିକ ସ୍କୁଲ, ହାତୀଶାଳପଡା, ବଲାଙ୍ଗୀର

୩ **ଅମ୍ରିତା ରଇତ**
କ୍ଲାସ- ୬, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଗିରି, ଗଜପତି





୪ **ଶ୍ରୀଦିକସା ଦେହୁରୀ**
କ୍ଲାସ-୨, ସେଣ୍ଟ ଜନ୍ ସ୍କୁଲ, ବୌଦ୍ଧ

୫ **ପ୍ରଲିପ୍ତା ତ୍ରିପାଠୀ**
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରହଣିଆ, ଯାଜପୁର





୬ **ମହାଶ୍ୱେତା ସାହୁ**
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଦ୍ମପୁର, ବରଗଡ

୭ **ସାନ୍‌ଭି ସନାୟା ସା**
କ୍ଲାସ-୪, ବିଜେଇଏମ୍ ସ୍କୁଲ-୧, ଭୁବନେଶ୍ୱର





୮ **ଅମ୍ରିତ ସାହୁ**
କ୍ଲାସ- ୫, ଚନ୍ଦନ ମଣ୍ଡପ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଇନ୍ଦିପୁର, ଢେଙ୍କାନାଳ

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ସବୁଠୁ ଛୋଟ ମଇଁଷି

ବେଳେବେଳେ ମଣିଷ ଏଭଳି କିଛି ସ୍ୱତନ୍ତ୍ରତା ସୃଷ୍ଟି କରିଥାଏ ଯେଉଁଥିପାଇଁ ସେ ଅନ୍ତର୍ଜାତୀୟ ସ୍ତରରେ ପରିଚିତ ହୋଇଥାଏ। କେତେକ ଜନ୍ତୁ ଏଭଳି ସ୍ୱତନ୍ତ୍ର ହୋଇଥାନ୍ତି ଯେ ସେମାନେ ରେକର୍ଡ କରିଥାନ୍ତି। ତେବେ ଏଭଳି ଏକ ଭିନ୍ନ ଧରଣର ମଇଁଷି ହେଉଛି ରାଧା। ମହାରାଷ୍ଟ୍ରର ମାଲୱାଡି ଗାଁରେ ତ୍ରିମ୍ବାକ୍ ବୋରେଟ୍‌ଙ୍କ ପାଖରେ ରହିଛି ଏହି ମଇଁଷି। ମୁରାହ ହାଇବ୍ରିଡ୍ ପ୍ରଜାତିର ଏହି ମଇଁଷିଟିର ଉଚ୍ଚତା ମାତ୍ର ୨ ଫୁଟ ୮ ଇଞ୍ଚ। ବିଶ୍ୱର ସବୁଠୁ କମ୍ ଉଚ୍ଚତାର ହୋଇଥିବାରୁ ଏହି ମଇଁଷି (ରାଧା) ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ରାଧାର ମାଲିକ ତ୍ରିମ୍ବାକ୍ ଲକ୍ଷ୍ୟ କରିଥିଲେ କି ୨ ବର୍ଷ ପରେ ବି ତା' ଶରୀର ଆଦୌ ବୃଦ୍ଧି ପାଉନାହିଁ। ତେଣୁ ସେ ଜାଣିପାରିଲେ ରାଧା ଏକ ଗେଡ଼ା ମଇଁଷି। ତେଣୁ ଥରେ ଏକ ପ୍ରଦର୍ଶନୀକୁ ସେ ରାଧାକୁ ନେଇ ଯାଇଥିଲେ। ଧୀରେ ଧୀରେ ବିଭିନ୍ନ ସ୍ଥାନରୁ ଲୋକେ ଏତେ ଛୋଟ ଦେଖାଯାଉଥିବା ରାଧାକୁ ଦେଖିବାକୁ ଆସିଲେ। ଆଉ ଏବେ ଗିନିଜ୍ ରେକର୍ଡର ଅଧିକାରୀମାନେ ରାଧାର ଉଚ୍ଚତା ଦେଖିବା ପରେ ତାକୁ ସବୁଠୁ ଛୋଟ ମଇଁଷିର ଆଖ୍ୟା ଦେଇଛନ୍ତି।



## କବିତା

### ବଣଭୋଜିର ମହକ

ଶୀତ ଦିନରେ ବଡ଼ ଖବର
ବଣଭୋଜିର ବହୁ ଆଦର
ଯୋଜନା କେତେ ଆୟୋଜନର
ଭୁଲିପାରୁନା ତା'ର ମହକ !
ପିଲାଏ ସବୁ କରନ୍ତି ଅଳି
ଯିବାକୁ କେଉଁ ବନସ୍ଥଳୀ
ବଣର ଶୋଭା ଅତି ମନଛୁଆଁ
ପ୍ରକୃତିପ୍ରେମୀମାନେ ବନ ମୁହାଁ।
କୁନା, ମୁନା, ଟୁନା, ଟୁନି
ଯିବାପାଇଁ ସଜ ହେଲେଣି
ରେଶମୀ ପୋଷାକ ପିନ୍ଧି
ପ୍ରଜାପତି ପରି ଉଡ଼ିବୁଲନ୍ତି।
ବଣଭୋଜି ଦେଇଥାଏ ଶିକ୍ଷା
ସବୁ କାମରେ ଥାଏ ମଜା
କାମରେ ନାହିଁ ସାନ ବଡ଼
ସବୁରି ଜୀବନେ କର୍ମ ସାର।
ପାଠପଢ଼ା ପାଇଁ ପାଠଶାଳା
ଚତୁଃପାର୍ଶ୍ୱ କେତେ ଦେଖାଶିଖା
ବଣଭୋଜି ଦିଏ ଉତ୍ସାହ
ଶିଖାଏ ଆଗକୁ ଚାଲିବାର ପଥ।

– ଚିତ୍ତରଞ୍ଜନ ମହାନ୍ତି
ମୋ: ୯୪୩୯୯୪୮୨୫୬

### ପଉଷ ଜାଡ଼

ମଗୁଶିର ଗଲା ପଉଷ ଆସିଲା
ବଢ଼ିଲା ଭୀଷଣ ଜାଡ଼
କହେ ବୁଢୀ ଆଈ ହଉନାହିଁ ସହି
ଥରୁଚି ସତେ କି ହାଡ଼ !
ଡାକିଲା ନାତିକି ଦି'ହାତ ପାତିକି
କମ୍ବଳ ରେଜେଇ କାଢ଼
ଉତ୍ତରା ପବନ ବହେ ଘନଘନ
ଗରମ ତବତ ବାଢ଼।
କୁନା ପାଶେ ବସି କହଇ ସେ ହସି
ଅଳସ ପଣକୁ ଛାଡ଼
ହିତ ପାଇଁ ଶୀତ ଅଟେ ଆମ ମିତ
ଅମଳ ସମୟ ଜାଡ଼।

– ପ୍ରଫୁଲ୍ଲ ଚନ୍ଦ୍ର ବାରିକ
ପାନପୋଷ, ରାଉରକେଲା– ୪
ମୋ: ୯୦୯୦୩୩୦୮୫୯



### ଆସିଲାରେ ଶୀତ ମାଡ଼ି

ଆସିଲାରେ ଶୀତ ମାଡ଼ି
ଦିନର ସମୟ କମି କମି ଗଲା
ରାତିର ସମୟ ଗଲା ବଢ଼ି।
ବାଡ଼ି ବଗିଚାରେ ନାନାଜାତି ଫୁଲ
ଶୋଭାକୁ ଦେବ ଅଜାଡ଼ି।
ପନିପରିବାରେ ହସିବରେ ବାଡ଼ି
ଅଭାବ ଯିବଟି ଛାଡ଼ି।
ଫାଟୁଆମାନେ ଯେ ଛାଡ଼ିବେ ରଡ଼ି
ଥରିଯିବେ ବୁଢ଼ାବୁଢ଼ୀ।
ଫସଲ ଅମଳ ପାଇଁ ଚାଷୀ ଭାଇ
ହେଲାଣି ଯେ ଭିଡ଼ିଭାଡ଼ି।
ନଡ଼ିଆ ସାଙ୍ଗକୁ ଗରମ ମୁଢ଼ି
ଅଜା ସାଙ୍ଗେ ଆଈ ବୁଢ଼ୀ।
କନ୍ଥା କମ୍ବଳକୁ ରଖ ସଜାଡ଼ି
ପଳେଇବ ଶୀତ ଛାଡ଼ି।

– ଶ୍ରୀକାନ୍ତ କୁମାର ମହାଳିକ
ଚରଦିଆ, ମତୋ, ଭଦ୍ରକ
ମୋ: ୮୭୫୮୪୩୯୭୦୨

## ଏଥରର ପ୍ରଶ୍ନ

- ଇଟାଲୀର କେଉଁ ସହରକୁ ସେକ୍ସପିଅର ଓ ରୋମିଓ ଜୁଲିଏଟ୍‌ଙ୍କ ସ୍ମୃତିରେ ପ୍ରସ୍ତୁତ କରାଯାଇଛି ?
- ଆମେରିକାର ପ୍ରଥମ ଜାତୀୟ ଉଦ୍ୟାନର ନାମ ?
- କାଲିଫର୍ନିଆ ସୀମାକୁ ଲାଗି କେଉଁ ୩ଟି ରାଜ୍ୟ ରହିଛନ୍ତି ?
- ଆଇଫିଲ୍ ଟାୱାର କେତେ ମହଲା ବିଶିଷ୍ଟ ?
- ପୋଲାଣ୍ଡର ମୁଦ୍ରାର ନାମ ?

## ଗତଥରର ଉତ୍ତର

- ସ୍ୱିଡେନ୍
- ଆଫ୍ରିକା
- ଭେନେଜୁଏଲା
- ମିନେସୋଟା
- ଦି ଆଟ୍‌ଲାଣ୍ଟିକ

## କହିଲ ଦେଖି

ତାକୁ ଲୋକେ ପିନ୍ଧିଥାନ୍ତି ଆଖିରେ
କାଚରେ ତିଆରି ସିଏ ଥାଏରେ
ତା' ପାଇଁ ଦିଶେ ସବୁ ପରିଷ୍କାର
ଦୃଷ୍ଟିଶକ୍ତି ପାଇଁ ତା' ବ୍ୟବହାର
କହିକି ପାରିବ ନାମ ତାହାର ?



**ଉତ୍ତର: ଚଷମା**

କରନ୍ତି ଲୋକେ ତାକୁ ବ୍ୟବହାର
ସୁରକ୍ଷିତ ରଖେ ପାଦ ଆମ୍ଭର
ଚମଡ଼ା ଓ କପଡ଼ାରେ ତିଆରି ସିଏ
ମୋଜା ଲଗାଇ ପାଦେ ପିନ୍ଧାଯାଏ
କହିକି ପାରିବ ତା' ନାମ କିଏ ?



**ଉତ୍ତର : ଜୋତା**

ଖରା ବରଷାରୁ ରକ୍ଷା କରଇ
ବାଟୋଇର ମୁଣ୍ଡ ଉପରେ ଥାଇ
ଜିନିଷ ଅଟେ ଭାରି ଉପକାରୀ
ଲୁହା ଓ କପଡ଼ାରେ ସେ ତିଆରି
କହିକି ପାରିବ ନାମ ତାହାରି ?



**ଉତ୍ତର: ଛତା**

ଦେହ ସାରା ଦାନ୍ତ ବହୁତ ତା'ର
ମୁଣ୍ଡରେ ହୁଅଇ ସେ ବ୍ୟବହାର
ତା' ସାହାଯ୍ୟେ କେଶ ସଜାଡ଼ି ହୁଏ
ଚନ୍ଦା ମୁଣ୍ଡକୁ ସେ କେବେ ନ ଯାଏ
କହିକି ପାରିବ ତା ନାମ କିଏ ?



**ଉତ୍ତର : ପାନିଆ**

– କ୍ଷମାନିଧି ଭୋଇ
ସାଗୁନପାଲି, ତାଲବ, ସମ୍ବଲପୁର
ମୋ: ୯୪୩୮୨୯୨୯୩୩





# ଜଣା ଅଜଣା

## ଚିତାବାଘ

ଚିତାବାଘ କ୍ଷିପ୍ର ବେଗରେ ଦୌଡିଥାନ୍ତି। ଏମାନେ ଘଣ୍ଟାକୁ ପ୍ରାୟ ୧୧୦-୧୨୦ କିମି ବେଗରେ ଦୌଡି ପାରନ୍ତି। ଏହାର ବୈଜ୍ଞାନିକ ନାମ ଆସିନୋନିକ୍ସ ଜୁବାଟସ୍। ଉତ୍ତର, ଦକ୍ଷିଣ ଏବଂ ପୂର୍ବ ଆଫ୍ରିକାରେ ଅଧିକ ଚିତାବାଘ ଦେଖିବାକୁ ମିଳିଥାନ୍ତି। ଏକ ବୟସ୍କ ଚିତାବାଘର ଶରୀରର ଲମ୍ବ (ମୁଣ୍ଡରୁ ଲାଞ୍ଜ ପର୍ଯ୍ୟନ୍ତ) ପ୍ରାୟ ୩.୫ରୁ ୫ ଫୁଟ ପର୍ଯ୍ୟନ୍ତ ହୋଇଥାଏ। ଏମାନଙ୍କର ଲାଞ୍ଜର ଲମ୍ବ ୬୬-୮୪ସେ.ମି ହୋଇଥାଏ। ପ୍ରାପ୍ତ ବୟସ୍କ ଚିତାବାଘର ଓଜନ ୭୨କିଗ୍ରା ପର୍ଯ୍ୟନ୍ତ ହୋଇଥାଏ। ଏମାନଙ୍କର ଦୃଷ୍ଟି ଶକ୍ତି ବେଶ୍ ପ୍ରଖର। ମା' ଚିତାବାଘ, ରହୁଥିବା ସ୍ଥାନର ପାଖାପାଖି ଅଞ୍ଚଳରେ ବୁଲି ଶିକାର କରେ। ଚିତାବାଘମାନେ ସାଧାରଣତଃ ଦିନ ସମୟରେ ଅଧିକ ସକ୍ରିୟ ରହିଥାଆନ୍ତି।

## ଦୁର୍ବଳ ହୁଏନି କୁମ୍ଭୀର

ବୈଜ୍ଞାନିକଙ୍କ ମତରେ କୁମ୍ଭୀର ମଧ୍ୟରେ ନେଗ୍ଲିଜେବଲ ସେନ୍ସର ନାମକ ଏକ ପ୍ରକାର ଖାସ୍ କ୍ଷମତା ରହିଛି । ଏହି କାରଣରୁ ଏମାନଙ୍କ ବୟସ ବଢ଼ିଲେ ବି ସେମାନେ ଅନ୍ୟ ପ୍ରାଣୀଙ୍କ ପରି ଦୁର୍ବଳ ହୋଇ ନଥାନ୍ତି। ବୟସ ଅଧିକ ହେଲେ ବି ତାଙ୍କଠାରେ ଶିକାର କରିବାର କ୍ଷମତା, ଶକ୍ତି ଏବଂ ଆଗ୍ରହ ପ୍ରାୟତଃ ସମାନ ରହିଥାଏ। ଏହି କାରଣରୁ ଅନେକେ ଭାବିଥାନ୍ତି କୁମ୍ଭୀର କେବେ ବୁଢ଼ା ହୁଏନି ସବୁବେଳେ ଜୀବିତ ରୁହେ। କେବେ କେବେ ଦେଖିବାକୁ ମିଳିଥାଏ ଛୋଟ କୁମ୍ଭୀର ତୁଳନାରେ ବଡ କୁମ୍ଭୀର ଅଧିକ ଶକ୍ତିଶାଳୀ ହୋଇଥାନ୍ତି। ଯେତେବେଳେ କୁମ୍ଭୀର ଅଣ୍ଡାରୁ ଛୁଆ ବାହାରେ ସେ ତୁରନ୍ତ ନିଜ ମା'ର ସ୍ୱର ଜାଣିପାରନ୍ତି। ମା' କୁମ୍ଭୀର ଛୁଆମାନଙ୍କୁ ନିଜ ପାଟିରେ ରଖି ପାଣି ଭିତରକୁ ଚାଲିଯାଏ। କିଛି ମିନିଟ୍ ମଧ୍ୟରେ ଛୁଆ କୁମ୍ଭୀର ପହଁରା ଶିଖିଯାନ୍ତି। କିନ୍ତୁ ଛୋଟ କୁମ୍ଭୀର ବହୁତ ଦୁର୍ବଳ ହୋଇଥିବାରୁ ସହଜରେ ବଡ ପକ୍ଷୀ, ବଡ ମାଛ ଏବଂ ଅନ୍ୟ ଜୀବଙ୍କର ଶିକାର ମଧ୍ୟ ହୋଇଯାନ୍ତି। ଏମାନେ ବିନା ଖାଦ୍ୟରେ କିଛି ଦିନ ପର୍ଯ୍ୟନ୍ତ ଜୀବିତ ରହିପାରିଥାନ୍ତି।

## ଅସରପା

ବିଶ୍ୱରେ ୪୫୦୦ରୁ ଅଧିକ ପ୍ରଜାତିର ଅସରପା ଦେଖିବାକୁ ମିଳିଥାଏ। ଏଥିମଧ୍ୟରୁ କେବଳ ୩୦ପ୍ରଜାତି ଜନବସତି ସ୍ଥାନରେ ଦେଖାଯାଆନ୍ତି। ବାକି ସବୁ ଜଙ୍ଗଲ ଏବଂ ପାହାଡିଆ ଅଞ୍ଚଳରେ ରହିଥାନ୍ତି। ଏମାନଙ୍କ ଶରୀର ତିନି ଭାଗରେ ବିଭକ୍ତ ହୋଇଥାଏ ଏବଂ ତାଙ୍କ ଶରୀର ଉପରେ ଏକ ଟାଣ ଆସ୍ତରଣ ରହିଛି ଯାହାକୁ 'ଏକ୍ଜୋସ୍କେଲେଟନ୍' କୁହାଯାଏ। ଏହା କାଇଟିନ୍ ନାମକ ପଦାର୍ଥରେ ତିଆରି ହୋଇଥାଏ। ଏହି ଆସ୍ତରଣ ଅସରପାକୁ ଶତ୍ରୁ ଠାରୁ ଏବଂ ଅସୁବିଧାରୁ ରକ୍ଷା କରିଥାଏ। ଏହା ବ୍ୟତୀତ ଏମାନଙ୍କ ନିଶ ଚତୁଃପାର୍ଶ୍ୱର ବାତାବରଣ ଏବଂ ଖାଦ୍ୟ ଖୋଜିବାରେ ସାହାଯ୍ୟ କରିଥାଏ। ନିଶ ମାଧ୍ୟମରେ ସେମାନେ କେତେକ ବିପଦ ସମ୍ପର୍କରେ ସୂଚନା ପାଇଥାଆନ୍ତି। ଏମାନଙ୍କର ମୁଣ୍ଡ କଟିଗଲା ପରେ ବି ସପ୍ତାହ ପର୍ଯ୍ୟନ୍ତ ଜୀବିତ ରହିଥାନ୍ତି। ତାଙ୍କ ଶରୀରରେ ଅଲଗା ଅଲଗା ଭାଗରେ ଗାଗ୍ଲିଆ ରହିଛି, ଯାହା ଛୋଟ ଛୋଟ ବ୍ରେନ୍ ପରି କାମ କରେ।

## ଫ୍ଲାଇଟ୍‌ରେ ମନା..

ଫ୍ଲାଇଟ୍‌ରେ ଯିବା ପୂର୍ବରୁ ନିଜ ଜିନିଷପତ୍ର ଗୁଡିକୁ ତନ୍ନ ତନ୍ନ କରି ବିମାନବନ୍ଦରର ଦାୟିତ୍ୱ ଦିଆଯାଇଥିବା କର୍ମଚାରୀଙ୍କ ଦ୍ୱାରା ଚେକିଂ କରାଯାଇଥାଏ। ପୁଣି ଏମିତି କିଛି ଜିନିଷ ରହିଛି ଯାହାକୁ ଫ୍ଲାଇଟ୍‌ରେ ନେବା ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି। ଏସବୁ ନିୟମକୁ ଠିକ୍ ଭାବରେ ନ ମାନିଲେ ଆପଣଙ୍କୁ ଜରିମାନା ଏପରି ଜେଲ୍ ଦଣ୍ଡ ଭୋଗିବାକୁ ପଡିପାରେ। ଏଥିପାଇଁ ଅଧିକ ସାବଧାନତା ଜରୁରୀ ମଧ୍ୟ ରହିଛି। ଏଭଳି ନିଷେଧ ଜିନିଷଗୁଡିକ ମଧ୍ୟରେ ରହିଛି ପେଟ୍ରୋଲ, ଡିଜେଲ୍, କଇଁଚି, ଛୁରି, ଲିକ୍ୱିଡ୍ ପଦାର୍ଥ, ଆଚାର, କିଛି ତେଲ, ଜ୍ୱଳନଶୀଳ ପଦାର୍ଥ, ଧାରଥିବା କେତେକ ବସ୍ତୁ, ଏସିଡ୍ , ଆଲ୍‌କୋହଲ, ଇଲୋକ୍ଟ୍ରୋନିକ୍ ସାମଗ୍ରୀ, ମ୍ୟାଚିସ୍, ଲାଇଟର, ଏବଂ ଗ୍ରୀସ୍ ଆଦି। ଏମିତିରେ ଦେଖିବାକୁ ଗଲେ ଫ୍ଲାଇଟ୍‌ରେ କିଛି ଫ୍ରୁଟ୍ସ ଦିଆଯାଇଥାଏ ଖାଇବାକୁ ହେଲେ ଏମିତି ଏକ ଫଳ ରହିଛି ଯାହା ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଇଥାଏ। ତାହା ହେଉଛି ନଡିଆ। ବିମାନରେ ଯଦି ଆପଣ ଶୁଖିଲା ନଡିଆ ନେଉଛନ୍ତି ତେବେ ଆପଣଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡିପାରେ। ଏହା ପଛରେ ମୁଖ୍ୟ କାରଣ ହେଲା- ଶୁଖିଲା ନଡିଆ ଜ୍ୱଳନଶୀଳ କାଟାଗୋରିରେ ଆସିଥାଏ। ନଡିଆର ଉପରି ଭାଗ ଶୁଖିଲା ହୋଇଥାଏ, ଯେଉଁଥିରେ ସହଜରେ ନିଆଁ ଲାଗିଥାଏ। ଯାତ୍ରୀଙ୍କ ସୁରକ୍ଷା ଏବଂ ବିମାନର ସୁରକ୍ଷାକୁ ଧ୍ୟାନରେ ରଖି ବିମାନରେ ନଡିଆ ନେବା ମନା।





# ଆଇନା



ଅଞ୍ଜଳି ସାହୁ
୫ ବର୍ଷ/ କଟକ



ଅହିଲ ସାହୁ
୬ ବର୍ଷ/ ବରଗଡ଼